



## ଡିଜିଟାଲ୍ ମାର୍କେଟିଂ ଆଳରେ ୯ ଲକ୍ଷ ଠକେଇ

ଭୁବନେଶ୍ୱର, ୧୬।୫(ସମିସ): ଡିଜିଟାଲ ମାର୍କେଟିଂ ଆଳରେ ୯ଲକ୍ଷ ଟଙ୍କାର ସାଇବର୍ ଠକେଇ ହୋଇଛି। ଠକାମିର ଶିକାର ହୋଇଥିବା ବାଲେଶ୍ୱରର ସମ୍ବିତ୍ କୁମାର ଜେନା ଏନେଇ ସାଇବର୍ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ସମ୍ବିତଙ୍କ ହ୍ୱାଟଆପ୍‌କୁ ଏକ ମେସେଜ୍ ଆସିଥିଲା। ଏଥିରେ ଡିଜିଟାଲ ମାର୍କେଟିଂରେ ଟଙ୍କା ଲଗାଇ ଦୁଇ ଗୁଣା ଟଙ୍କା ପାଇବାକୁ ମେସେଜ୍‌ରେ ଉଲ୍ଲେଖ ରହିଥିଲା। ଏହି ମେସେଜ୍ ଦେଖି ସମ୍ବିତ ଠକଙ୍କୁ ଯୋଗଯୋଗ କରିଥିଲେ। ଅଭିଯୁକ୍ତ ନିଜକୁ ଡିଜିଟାଲ ମାର୍କେଟିଂ କମ୍ପାନୀର ମାନବସମ୍ବଳ ଅଧିକାରୀ ବୋଲି କହିଥିଲେ। ଏପରିକି ୨ହଜାର ଟଙ୍କା ଲଗାଇ ୩ ହଜାର ଟଙ୍କା ମିଳିବାକୁ କହିଥିଲେ। ପ୍ରଥମେ ସେ ୨ହଜାର ଟଙ୍କା ଲଗାଇବା ପରେ ୩ହଜାର ଟଙ୍କା ଆସିଥିଲା। ଏହିଭଳି ସେ ୩ ହଜାର ପରେ ୧୦ ହଜାର ଟଙ୍କା ଲଗାଇଥିଲେ। ସାଇବର୍ ଠକ ତାଙ୍କୁ ବିଶ୍ୱାସ ଦେବା ଲାଗି କିଛି ମାସ ଟଙ୍କା ଦେଇଥିଲେ। ଏହିଭଳି ସମ୍ବିତ ୨ଲକ୍ଷ ଏବଂ ପରେ ୭ ଲକ୍ଷ ଟଙ୍କା ଲଗାଇଥିଲେ। ଟଙ୍କା ନେବା ପରେ ଠକ ଫୋନ୍ ନମ୍ବର ବନ୍ଦକରି ଦେଇଥିଲେ।

## ବିମାନବନ୍ଦରରୁ ଅଢ଼େଇ ଲକ୍ଷ ଜବତ

ଭୁବନେଶ୍ୱର, ୧୬।୫ (ସମିସ): ଏସ୍ଏସଟି ଟିମ୍ ଓ ଏୟାରପୋର୍ଟ ଥାନା ପୁଲିସ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ଅପରାହ୍ଣରେ ଭୁବନେଶ୍ୱର ବିମାନବନ୍ଦରରୁ ଅଢ଼େଇ ଲକ୍ଷ ଟଙ୍କା ଜବତ କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ନିର୍ବାଚନକୁ ଦୃଷ୍ଟିରେ ରଖି ଏସ୍ଏସଟି ଟିମ୍ ଓ ଏୟାରପୋର୍ଟ ଥାନା ପୁଲିସର ମିଳିତ ସହଯୋଗରେ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଚଢ଼ଉ କରାଯାଇଥିଲା। ସେହି ସମୟରେ ଏୟାରପୋର୍ଟ ଭିତରେ ଯାତ୍ରୀମାନଙ୍କର ବ୍ୟାଗ ସ୍କାନ୍ ଯାଞ୍ଚ ପ୍ରକ୍ରିୟା ଚାଲୁ ରହିଥିବା ବେଳେ ସଚିନ ପାରିକ ନାମକ ଜଣେ ବ୍ୟକ୍ତିଙ୍କ ଠାରୁ ୨ ଲକ୍ଷ ୫୦ ହଜାର ଟଙ୍କା ଜବତ କରାଯାଇଥିଲା। ପଚରାଉଚରା ବେଳେ ସଚିନ ଉକ୍ତ ଟଙ୍କା ସମ୍ପର୍କରେ ସଠିକ୍ ତଥ୍ୟ ପ୍ରଦାନ କରିବାରେ ଅସମର୍ଥ ପ୍ରକାଶ କରିଥିଲେ। ଫଳରେ ତାଙ୍କ ନିକଟରୁ ଟଙ୍କା ଜବତ କରାଯାଇଥିଲା। ଟଙ୍କା ଫେରସ୍ତ ପାଇବା ପାଇଁ ଖୋର୍ଦ୍ଧାସ୍ଥିତ ଡିଷ୍ଟ୍ରିକ ଗ୍ରିଭାନ୍ସ କମିଟି ନିକଟରେ ତାଙ୍କୁ ଅନୁମତିପତ୍ର ଆଣିବାକୁ ହେବ ବୋଲି ସୂଚିତ କରାଯାଇଥିଲା।

## ଗାଡ଼ି ଚୋରି କରି ସାଙ୍ଗ ଗିରଫ

ଭୁବନେଶ୍ୱର, ୧୬।୫ (ସମିସ): ଗାଡ଼ି ଚୋରି ଅଭିଯୋଗରେ ସାଙ୍ଗକୁ ଗିରଫ କରି କୋର୍ଟ ଚାଲାଣ ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ମଣିପୁର ଗ୍ରାମର ଦିଲ୍ଲୀପ ସାହୁ (୨୭)। ପୁଲିସ ସୂଚନା ଅନୁଯାୟୀ, କଳିଙ୍ଗନଗର କେ-୯ ଅଞ୍ଚଳରେ ରହୁଥିବା ସନ୍ତୋଷ କୁମାର ପଣ୍ଡା ଓ ଦିଲ୍ଲୀପ ଖଣ୍ଡଗିରିସ୍ଥିତ ଏକ ହୋଟେଲରେ କାମ କରୁଥିଲେ। ହେଲେ ୧୦ ଦିନ ପୂର୍ବରୁ ଦିଲ୍ଲୀପ ଚାକିରି ଛାଡ଼ି ଦେଇଥିଲା। ଗତ ମଙ୍ଗଳବାର ସକାଳ ୯ଟା ସମୟରେ ସନ୍ତୋଷ ତାଙ୍କ ସ୍କୁଟିକୁ ଘର ଗ୍ୟାରେଜରେ ରଖି କୌଣସି କାମରେ ବାହାରକୁ ଯାଇଥିଲେ। ଗାଡ଼ିର ଚାବି ରହୁଥିବା ସ୍ଥାନ ବିଷୟରେ ଦିଲ୍ଲୀପ ପୂର୍ବରୁ ଅବଗତ ଥିଲା। ଦିଲ୍ଲୀପ ଏହାର ସୁଯୋଗ ନେଇ ସନ୍ତୋଷଙ୍କ ଭଡ଼ା ଘର ମୁଖ୍ୟ ଫାଟକ ଦେଇ ଗ୍ୟାରେଜ୍ ଭିତରେ ପଶିଥିଲା। ସେଠାରେ କବାଟ ଖୋଲା ଥିବାର ଦେଖିବା ପରେ ସ୍କୁଟିର ଚାବି ଚୋରି କରି ସ୍କୁଟିଟିକୁ ନେଇଯାଇଥିଲା। ଘରକୁ ଫେରି ସ୍କୁଟି ଚୋରି ହୋଇଥିବା ଜାଣିବା ପରେ ସନ୍ତୋଷ ତମାଣ୍ଡୋ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁକରି ପୁଲିସ ଦିଲ୍ଲୀପକୁ ଗିରଫ କରିବା ସହିତ ସ୍କୁଟି ଜବତ କରିଛି।

## ଦୁଇ ବାଇକ୍ ଜବତ; ଜଣେ ଗିରଫ

ଯାଁଳା, ୧୬।୫(ସମିସ): ଗୁରୁବାର ଇନ୍‌ଫୋଭ୍ୟାଲି ଥାନା ପୁଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ଖୋର୍ଦ୍ଧା ସଦର ଥାନା ଡାଳତୋଳା ନୂଆସାହିର କୃପାସିନ୍ଧୁ ସାହୁ ଓରଫ ମିଲୁ। ଅଭିଯୁକ୍ତ ନିକଟରୁ ଦୁଇଟି ଚୋରା ମଟରସାଇକଲ ଜବତ କରିବା ସହ ଗୁରୁବାର କୋର୍ଟ ଚାଲାଣ କରିଛି। ଗତ ଏପ୍ରିଲ୍ ୨୧ ତାରିଖରେ ଅଭିଯୋଗକାରୀ ସୀମାନ୍ତ କୁମାର ସାହୁ ତାଙ୍କର ବାଇକ୍‌ଟିକୁ ରାଧାଚରଣପୁରସ୍ଥିତ ଆମାଜନ ଅଫିସ୍ ପରିସର ପାର୍କିଂରେ ରଖିଥିଲେ। ଅଭିଯୁକ୍ତ ଜଣକ ସୁଯୋଗ ଦେଖି ତାଙ୍କର ବାଇକ୍‌ଟିକୁ ସେଠାରୁ ଚୋରି କରି ନେଇ ଯାଇଥିଲେ। ଏ ନେଇ ସୀମାନ୍ତ ଇନ୍‌ଫୋଭ୍ୟାଲି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ସ୍ଥାନୀୟ ଅଞ୍ଚଳର ସିସିଟିଭି ଯାଞ୍ଚ କରି ଅଭିଯୁକ୍ତକୁ ଠାବ କରିବା ସହ ଗିରଫ କରିଥିଲା।

## ଦେଶୀମଦ ଜବତ; ଜଣେ ଗିରଫ

ନନ୍ଦନକାନନ, ୧୬।୫(ସମିସ): ବେଆଇନ ଭାବେ ଦେଶୀମଦ ବିକ୍ରୟ କରୁଥିବା ଅଭିଯୋଗରେ ପଦାସାହି ଭଗବତୀ ନଗରର କାହ୍ନୁ ସାମଲ(୩୨)କୁ ନନ୍ଦନକାନନ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ତା' ନିକଟରୁ ୩୨୦ଲିଟର ଦେଶୀ ମଦ ଜବତ ହୋଇଛି। ନନ୍ଦନକାନନ ଥାନା ପାଟ୍ରୋଲିଂ ଟିମ୍ ପଦାସାହି ଭଗବତୀ ନଗରରେ ଚଢ଼ଉ କରିଥିଲା। ଏହି ସମୟରେ ବେଆଇନ ଦେଶୀମଦ ବିକ୍ରୟ ତଥା ପ୍ୟାକିଂ କରୁଥିବା ଅବସ୍ଥାରେ କାହ୍ନୁକୁ ଗିରଫ କରିଥିଲା। ଛାନ୍ଭିନ ସମୟରେ ପୁଲିସ ଅଭିଯୁକ୍ତ ହେପାଜତରୁ ୩୨୦ଲିଟର ଦେଶୀ ମଦ ସହିତ ୧୪ଶହ ଟଙ୍କା, ଗୋଟିଏ ସ୍କୁଟି ଓ ମଦ ପ୍ୟାକିଙ୍ଗ ସାମଗ୍ରୀ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲା।

# ପାକିସ୍ତାନୀଙ୍କ ହାତରେ ଓଡ଼ିଶା ସିମ୍

ଭୁବନେଶ୍ୱର, ୧୬।୫(ସମିସ)

ଦେଶ ବିରୋଧରେ ସାମ୍ପ୍ରଦାୟିକ ବିରୋଧୀ ମନ୍ତବ୍ୟ ଓ ସାଇବର୍ ଠକେଇ ଭଳି ଅପରାଧ ପଛରେ ବେନାମୀ ସିମ୍ ବା ପ୍ରି-ଆକ୍ଟିଭେଟେଡ୍ ସିମ୍ ରହିଛି। ଓଡ଼ିଶାର ବିଭିନ୍ନ ସ୍ଥାନରୁ ବେନାମୀ ସିମ୍‌ଗୁଡ଼ିକୁ ଶତ୍ରୁଦେଶର ଗୁଇନ୍ଦା ଏଜେଣ୍ଟଙ୍କୁ ସିମ୍ କାର୍ଡ କିମ୍ବା ଓଟିପି ବିକ୍ରି କରୁଛନ୍ତି। ଟେଲିକମ୍ ସଂସ୍ଥାର କର୍ମଚାରୀଙ୍କୁ ହାତକରି ଏଠାରୁ ବେନାମୀ ସିମ୍ ନେଇ ଓଟିପି ସେୟାରିଂ କରିବା ପରେ ସୋସିଆଲ ମିଡିଆରେ ନକଲି ଆକାଉଣ୍ଟ ଖୋଲୁଛନ୍ତି। ଓଡ଼ିଶାର ସିମ୍‌କୁ ଆତଙ୍କୀ କିମ୍ବା ଅନ୍ୟାନ୍ୟ ଏଜେଣ୍ଟ ମଧ୍ୟ ବ୍ୟବହାର କରୁଛନ୍ତି। ମାତ୍ର ଓଡ଼ିଶାର ସିମ୍ ଥିବାରୁ ଶତ୍ରୁରାଷ୍ଟ୍ର ବ୍ୟବହାର କରୁଥିଲେ ମଧ୍ୟ ଲୋକେସନ୍ ଏଠାରେ ଦେଖାଉଛି। ପାକିସ୍ତାନୀ ସୁନ୍ଦରୀଙ୍କ ମଧୁଫାସରେ ଫସି ପ୍ରତିରକ୍ଷା କର୍ମଚାରୀ ଗୋପନୀୟ ତଥ୍ୟ ଦେଉଛନ୍ତି। ଓଡ଼ିଶାର ଆକାଉଣ୍ଟଧାରୀ ଡାଟାବେସ୍ କିଣି ଭୁବନେଶ୍ୱରର ସହ ସାରାଦେଶରୁ ଅପରେଟ୍ କରୁଛନ୍ତି। ସେହିପରି ସିମ୍ କାରବାର ନୁହେଁ, ଓଟିପି ସେୟାରିଂ ବିକ୍ରି କରିବା ଭଳି ଘଟଣା ପଦାକୁ ଆସିଲାଣି। ଓଡ଼ିଶାର ଢେଙ୍କାନାଳ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ନବରଙ୍ଗପୁର, ଯାଜପୁର, ଅନୁଗୋଳ, କଟକ, କେନ୍ଦ୍ରାପଡ଼ା ଓ ଭଦ୍ରକ ଭଳି ୧୦ ଜିଲ୍ଲାରୁ ସର୍ବାଧିକ ବେନାମୀ ସିମ୍ ରାଜ୍ୟ ବାହାରକୁ ଚାଲାଣ ହୋଇଛି। ଏଠାରେ ନିରୀହ ଗ୍ରାମାଞ୍ଚଳ ଲୋକଙ୍କୁ ଫସାଇ ସହଜରେ ବେନାମୀ ସିମ୍ ହାତଉଛନ୍ତି ଦଲାଲ୍। ଗ୍ରାମାଞ୍ଚଳ ଲୋକଙ୍କୁ ସେମାନଙ୍କ ପରିଚୟ, ଠିକଣା ଏବଂ ଫିଙ୍ଗରପ୍ରିଣ୍ଟ ନେଉଛନ୍ତି। ଥର ଠିକ୍ ହେବା ପରେ ନେଟ୍‌ୱାର୍କ କିମ୍ବା ଅନ୍ୟାନ୍ୟ ଆଳ ଦେଖାଇ ୩ରୁ ୪ଥର ଫିଙ୍ଗରପ୍ରିଣ୍ଟ ନେଉଛନ୍ତି। ସେଇ ଠିକଣା ଓ ଫଟୋରେ ୩ରୁ ୪ଟି ସିମ୍ ଆକ୍ଟିଭ୍ କରୁଛନ୍ତି। ଗୋଟିଏ ସିମ୍ ଉପଭୋକ୍ତାଙ୍କୁ ଦେବା ପରେ ଅନ୍ୟ ସବୁକୁ ବାହାରେ ବିକ୍ରିକରି ଦେଉଛନ୍ତି। ସାଇବର୍ ଠକ ସିମ୍ ପିଛା ୫୦୦ରୁ ୧ହଜାର ଟଙ୍କା ଦେଇ ସେଗୁଡ଼ିକ କିଣି ନେଉଛନ୍ତି। ଦଲାଲଙ୍କ ଜରିଆରି ଓଡ଼ିଶାରୁ ସିମ୍ ପାକିସ୍ତାନରେ ପହଞ୍ଚି ଯାଉଛି। ନିକଟରେ ପାକିସ୍ତାନକୁ ଓଟିପି ସେୟାରିଂ ମାମଲାରେ ଶିକ୍ଷକ ପଠାଣି ସାମନ୍ତ ଲେଙ୍କା, ଅଭିଜିତ ସଞ୍ଜୟ ଜାମ୍ବୁରେ ଓ ଇକବାଲ ହୁସେନ ଗିରଫ କରାଯାଇଥିଲା। ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୫୦୦ ବେନାମୀ ସିମକାର୍ଡର ନମ୍ବରର ଓଟିପିକୁ ପାକିସ୍ତାନୀ ଏଜେଣ୍ଟଙ୍କୁ ପଠାଉଥିଲେ। ସେହି ସବୁ ନମ୍ବର ଜରିଆରେ ଦେଶରେ ଦେଶଦ୍ରୋହୀ କାର୍ଯ୍ୟକଳାପରେ ବ୍ୟବହାର ହେଉଥିଲା ବୋଲି ପ୍ରମାଣ ମିଳିଥିଲା।




**୧୦ ଜିଲ୍ଲାରୁ ସିମ୍ ଯାଉଥିବାର ମିଳିଲା ପ୍ରମାଣ**

**ପାକିସ୍ତାନକୁ ଓଟିପି ସେୟାରିଂ ମାମଲା ଖୋଲିଥିଲା ମୁଖା**

### '+୯୨'କୁ ସାବଧାନ

'+୯୨ ନମ୍ବରରୁ ହ୍ୱାଟ୍ସଆପ୍ କଲ୍ ଆସିଲେ ସାବଧାନ ହୋଇଯାନ୍ତୁ। ନଚେତ୍ ଗୋଟେ ବଡ଼ ଠକେଇର ଶିକାର ହୋଇପାରନ୍ତି'। ଏ ନେଇ ସୂଚନା ଜାରିକରିଛି ଓଡ଼ିଶା ପୁଲିସ। +୯୨ ନମ୍ବରରେ କଲ୍ କରି ଠକ ନିଜକୁ ପୁଲିସ ଅଧିକାରୀଙ୍କ ପରିଚୟ ଦେଉଛନ୍ତି। ସାଇବର୍ ଅପରାଧୀମାନେ ବିଭିନ୍ନ ମିଥ୍ୟା ଅଭିଯୋଗ କରି ଟଙ୍କା ଲୁଟୁଛନ୍ତି। ପାକିସ୍ତାନ ନମ୍ବର ହ୍ୱାଟ୍ସଆପ୍ କଲ ଆସିଲେ ସାବଧାନ ରହିବାକୁ ପୁଲିସ ପରାମର୍ଶ ଦେଇଛି। +୯୨ ନମ୍ବରରୁ କଲ୍‌ରୁ ଦୂରେଇ ରହିବା ସହ ଜନସାଧାରଣଙ୍କୁ ସତର୍କ ଓ ସଜାଗ ରହିବାକୁ ପୁଲିସ ବିଭାଗ ଅପିଲ କରିଛି। ନିକଟରେ ଭୁବନେଶ୍ୱରରେ ଜଣେ ବ୍ୟକ୍ତିଙ୍କୁ +୯୨ କଣ୍ଟ୍ରି କୋଡ୍ ବିଶିଷ୍ଟ ନମ୍ବରରୁ କଲ୍ ଆସିଥିଲା। ଜଣେ ବରିଷ୍ଠ ଆଇପିଏସ ଅଧିକାରୀଙ୍କ ଫଟୋ ପ୍ରୋଫାଇଲରେ ଥିବାରୁ ବ୍ୟକ୍ତି ଜଣକ କୌଣସି ସଚେତନତାମୂଳକ କଲ୍ ଭାବି ଫୋନ୍ ଉଠାଇଥିଲେ। ସେ କଲ୍ ଉଠାଇବା ପରେ କଲ୍ କରିଥିବା ବ୍ୟକ୍ତି ନିଜକୁ ପୁଲିସର ପରିଚୟ ଦେଇଥିଲା। 'ଆପଣଙ୍କ ପୁଅ ଓ ତା'ର ଦୁଇ ସାଙ୍ଗ ମିଶି ଜଣେ ଝିଅକୁ ଦୁଷ୍କର୍ମ କରିଛନ୍ତି। ସେ ଝିଅ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଆମେ ଗଣମାଧ୍ୟମକୁ ଖବର ଦେଇ ଦେଉଛୁ'। ଜଣେ ଅଣଓଡ଼ିଆ ବ୍ୟକ୍ତି ଏମିତି ଢଙ୍ଗରେ କହି ଭୟଭୀତ କରାଇଥିଲା। କିନ୍ତୁ କଲ୍ ଉଠାଇଥିବା ବ୍ୟକ୍ତି ବିବାହ କରିନାହାନ୍ତି। ତେଣୁ ତାଙ୍କ ପୁଅ କେଉଁଠୁ ଆସିଲା ଭାବି କଲ୍‌କୁ କାଟି ଦେଇଥିଲେ। ଏହି ପ୍ରକାରର ଅପରାଧୀ ବଢୁଥିବାରୁ ସମସ୍ତଙ୍କ ସତର୍କ କରିବା ସହ ସଚେତନତାର ବାର୍ତ୍ତା ଦେଇଛି ଓଡ଼ିଶା ପୁଲିସ।

# ନିଶାସେବନରୁ ସଙ୍ଗୀତ ଶିକ୍ଷା

### ମୁଖ୍ୟସ୍ରୋତରେ ସାମିଲ୍ ହେଉଛନ୍ତି ବସ୍ତିପିଲା

ଭୁବନେଶ୍ୱର, ୧୬।୫(ସମିସ)



ଯେଉଁଠି ପାଟି ଖୋଲିଲେ ଶୁଣିବାକୁ ମିଳୁଥିଲା ଅଶ୍ଳୀଳ ଭାଷା, ଅସଭ୍ୟ ବ୍ୟବହାର, ସେଠି ଏବେ ସୃଷ୍ଟି ହୋଇଛି ପରିବର୍ତ୍ତନର ଧାରା। ସାମାଜିକ ଶଣ୍ଢଣା ଓ ପରିଚ୍ଛନ୍ନତାଠାରୁ ଅନେକ ଦୂରରେ ରହି ଅଳିଆ ଗଦାରେ ଲୋଟୁଥିବା ପିଲାମାନଙ୍କ ମୁହଁରୁ ଏବେ ଶୁଣିବାକୁ ମିଳୁଛି ସଙ୍ଗୀତର ସୁମଧୁର ମୂର୍ଚ୍ଛନା। ମଦ, ସିଗାରେଟ୍‌କୁ ସାଥୀ କରି ଜରି ଗୋଟାଉଥିବା ହାତ ଏବେ ତବଲା ଓ ହାରମୋନିୟମ୍ ବଜାଉଛି। ସେମାନଙ୍କୁ ଏମିତି ରୂପାନ୍ତରଣର ପ୍ରୟାସ କରିଛି 'ଆଶାଏଁ'। ନିଶାସେବନ ଓ ଅସାମାଜିକ କାର୍ଯ୍ୟରେ ଲିପ୍ତରହି ଭବିଷ୍ୟତକୁ ଅନ୍ଧକାର ଆଡ଼କୁ ନେଇଯାଉଥିବା ପିଲାମାନଙ୍କ ମଧ୍ୟରେ ଭରିଦେଇଛି ନୂଆ ଆଶା।

ରାଜଧାନୀରେ ରହିଥିବା ବିଭିନ୍ନ ବସ୍ତି ଅଞ୍ଚଳର ଶିଶୁମାନେ ସାଧାରଣତଃ ଗରିବ ପରିବାର ହୋଇଥିବାରୁ ନାଚ, ଗୀତ ତ ଦୂରର କଥା ପାଠପଢ଼ା ସେମାନଙ୍କ ପାଇଁ ସ୍ୱପ୍ନ ପାଲଟିଯାଏ। ପରିବାରର ମୁଖ୍ୟ ଲୋକେ ନିଶାସେବନରେ ଲିପ୍ତ ରହୁଥିବା ଦେଖି ପିଲାମାନେ ମଧ୍ୟ ଏହାକୁ ଆପଣେଇ ସ୍କୁଲ ବାଟ ଭୁଲିଯାଆନ୍ତି। କିଏ ଅଧାରୁ ପାଠପଢ଼ା ଛାଡ଼ି ବସଷ୍ଟାଣ୍ଡ, ରେଳ ଷ୍ଟେସନ, ମାର୍କେଟ ଅଞ୍ଚଳରେ ଭିକ୍ଷାବୃତ୍ତି କରିଥାନ୍ତି ତ ଆଉ କେହି ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିଥାନ୍ତି। ଏଥିପ୍ରତି ପରିବାର ସଦସ୍ୟଙ୍କ ମଧ୍ୟ ନିଘା ନଥାଏ। ଫଳରେ ସେମାନେ ଅପରାଧିକ ରାସ୍ତାକୁ ଚାଲିଯାଆନ୍ତି। ଏମିତି ପଥହୁଡ଼ା ପିଲାମାନଙ୍କୁ ବାଟକୁ ଆଣିବାକୁ ଅଭିନବ ପ୍ରୟାସ କରିଥିବା ଆଶାଏଁ ମାଧ୍ୟମରେ ସହରରେ ୫ଟି ପାଠଶାଳା କାର୍ଯ୍ୟ କରୁଛି। ଯେଉଁଥିରେ ଶତାଧିକ ପିଲା ଶିକ୍ଷା ଗ୍ରହଣ କରୁଛନ୍ତି। ଡମଣା ଓ ବୁଦ୍ଧନଗରଠାରେ ଏଭଳି ପିଲାଙ୍କୁ ସଙ୍ଗୀତ, ବାଦ୍ୟ ଶିକ୍ଷା ପ୍ରଦାନ କରାଯାଉଛି। ପିଲାମାନଙ୍କୁ ବିଭିନ୍ନ ସ୍ଥାନରୁ ଅଣାଯାଇ ପ୍ରତି ଶନିବାର ଓ ରବିବାର ୪ଘଣ୍ଟା ଲେଖାଏଁ ସଙ୍ଗୀତ ଶିକ୍ଷା ଦିଆଯାଉଛି। କ୍ଲାସ୍‌ରେ ୪୭ ଜଣ ପିଲା ସାମିଲ ହୋଇଥିବା ଆଶାଏଁ ପକ୍ଷରୁ କୁହାଯାଇଛି। ସେମାନଙ୍କ ମଧ୍ୟରୁ କେତେକଙ୍କ ଏଥିପ୍ରତି ଆଗ୍ରହ ରହିଥିବା ବେଳେ ଆଉ କେତେକଙ୍କୁ ନିଶାସେବନରୁ ବିରତ କରିବାକୁ ଏହି ଶିକ୍ଷା ପ୍ରଦାନ କରାଯାଉଛି। ଏହି ପ୍ରଶିକ୍ଷଣ କେନ୍ଦ୍ରରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ତବଲା ପ୍ରଶିକ୍ଷକ ସମରେନ୍ଦ୍ର ନାୟକ ଏବଂ ସଙ୍ଗୀତ ଓ ହାରମୋନିୟମ୍ ପ୍ରଶିକ୍ଷକ ଶୈଳେନ୍ଦ୍ର ପାଢ଼ୀ ପ୍ରଶିକ୍ଷଣ ଦେଉଛନ୍ତି। ତେବେ ଏହି ପ୍ରଶିକ୍ଷଣ ଦ୍ୱାରା ପିଲାମାନଙ୍କ ମଧ୍ୟରେ ବହୁ ପରିବର୍ତ୍ତନ ହୋଇଥିବା ଆଶାଏଁର ପ୍ରତିଷ୍ଠାତା ରତ୍ନାକର ସାହୁ କହିଛନ୍ତି। ଏଥିରୁ ସେମାନଙ୍କ ଲୁକ୍କାୟିତ ପ୍ରତିଭା ପ୍ରତିଫଳିତ ହୋଇ ଭବିଷ୍ୟତରେ ଏହାକୁ ବୃତ୍ତି ଭାବେ ଗ୍ରହଣ କରିପାରିବେ ବୋଲି ଏଠାରେ ଶିକ୍ଷାଦାନ କରୁଥିବା ପ୍ରଶିକ୍ଷକମାନେ କହିଛନ୍ତି।

## ମୋବାଇଲ୍ ଚୋରକୁ ବର୍ଷେ ଜେଲ୍

ଭୁବନେଶ୍ୱର, ୧୬।୫ (ସମିସ): ମୋବାଇଲ୍ ଚୋରି ମାମଲାର ବିଚାର କରି ଭିକି ଓରଫ ଆଶିଷ ପ୍ରଧାନକୁ ଦୋଷୀ ସାବ୍ୟସ୍ତ କରି ଏକ ବର୍ଷର ଜେଲ୍ ଦଣ୍ଡ ଶୁଣାଇଛନ୍ତି ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୩ର ବିଚାରପତି ପୂଜା ଜୈନ୍। ପୁଲିସ ସୂଚନା ମୁତାବକ, ଗତବର୍ଷ ନଭେମ୍ବର ମାସ ୧୨ ତାରିଖ ଦିନ ମଳୟ କୁମାର ନାୟକ ଦୀପାବଳି ପାଇଁ ଘର କାମରେ ବ୍ୟସ୍ତ ଥିବା ବେଳେ ତାଙ୍କ ମୋବାଇଲ୍ ଫୋନ୍‌କୁ ଘରେ ଟେବୁଲ ଉପରେ ରଖିଥିଲେ। ଭିକି ସୁଯୋଗ ଦେଖି ମଳୟଙ୍କ ଘରେ ପଶିବା ସହିତ ସେଠାରେ ଟେବୁଲ୍ ଉପରେ ଥିବା ମୋବାଇଲ୍ ଫୋନଟିକୁ ଚୋରି କରି ନେଇ ଯାଇଥିଲା। ମଳୟଙ୍କ ଅଭିଯୋଗ ଆଧାରରେ ନୂଆପଲ୍ଲୀ ଥାନା ପୁଲିସ କେସ ନଂ-୫୨୯/୨୦୨୩ରେ ଦଫା- ୪୫୪/୩୮୦ ଆଇପିସି ଲଗାଇ ଏକ ମାମଲା ରୁଜୁ କରିଥିଲା। ଏଏସଆଇ ରଞ୍ଜିତ ଦାସ ମାମଲାର ତଦନ୍ତ କରି ଭିକି ଓରଫ ଆଶିଷ ପ୍ରଧାନଙ୍କୁ ଗିରଫ କରିଥିଲେ। ଅଦାଲତ ବିଭିନ୍ନ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜକୁ ଆଧାରରେ ଏହି ମାମଲାର ବିଚାର କରି ଆଶିଷଙ୍କୁ ଦଫା ୪୫୪ରେ ୧ ବର୍ଷର ସଶ୍ରମ କାରାଦଣ୍ଡାଦେଶ ସହ ୫୦୦ ଟଙ୍କାର ଜରିମାନା ଓ ଦଫା ୩୮୦ରେ ୧ ବର୍ଷର ସଶ୍ରମ କାରାଦଣ୍ଡାଦେଶ ସହ ୫୦୦ ଟଙ୍କାର ଜରିମାନା ଆଦେଶ ଦେଇଛନ୍ତି। ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର୍ କଳ୍ପତରୁ ସାହୁ, ସରୋଜ ସ୍ୱାଇଁ ଓ ମିସ୍ ସବିତା କୁମାରୀ ଚୌଧୁରୀ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରିଥିଲେ।

## ହାଇୱା ଧକ୍କାରେ ବାଇକ୍ ଚାଳକ ମୃତ

ଭୁବନେଶ୍ୱର, ୧୬।୫(ସମିସ): ସହିଦନଗର ଥାନା ଆଚାର୍ଯ୍ୟବିହାର ଓଭରବ୍ରିଜ୍ ଉପରେ ଏକ ମର୍ମନ୍ତୁକ ସଡ଼କ ଦୁର୍ଘଟଣା ଘଟିଛି। ଏକ ହାଇୱା ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇବା ପରେ ଗାଡ଼ି ଦ୍ରୁତ ଗତିରେ ରସୁଲଗଡ଼ ଅଭିମୁଖେ ପଳାଇଯାଇଛି। ଖବର ପାଇ ସହିଦନଗର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଦୁର୍ଘଟଣା ପରେ ସେଠାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ପୁଲିସ ମୃତଦେହ ଉଠାଇବା ପରେ ଟ୍ରାଫିକ୍ ସମସ୍ୟା ସ୍ୱାଭାବିକ ହୋଇଥିଲା। ରାତି ସାଢେ ୧୦ଟା ସମୟରେ ବାଇକ୍ ଚାଳକ ଜୟଦେବ ବିହାରରୁ ରସୁଲଗଡ଼ ଅଭିମୁଖେ ଯାଉଥିଲେ। ପଛରୁ ଦ୍ରୁତ ଗତିରେ ଆସୁଥିବା ହାଇୱା ବାଇକ୍ ଚାଳକଙ୍କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକ ପଡ଼ି ଯିବା ପରେ ତାଙ୍କ ଉପରେ ହାଇୱା ଚଢ଼ିଯାଇଥିଲା।

## ପୋଖରୀରେ ବୁଡ଼ି ନାବାଳକ ମୃତ

ବାଲିଅନ୍ତା, ୧୬।୫(ସମିସ): ବାଲିଅନ୍ତା ଥାନା ପ୍ରତାପରୁଦ୍ରପୁର ପଞ୍ଚାୟତ କଣ୍ଟିବରାହି ଗ୍ରାମର ଦେବେନ୍ଦ୍ର ନାଥ ମହାପାତ୍ରଙ୍କ ପୁଅ ଦିବ୍ୟ ପ୍ରସାଦ (୧୫) ପୋଖରୀରେ ବୁଡ଼ି ପ୍ରାଣ ହରାଇଛି। ଖବର ପାଇ ବାଲିଅନ୍ତା ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଏ ନେଇ ବାଲିଅନ୍ତା ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ କଣ୍ଟିବରାହି ଗ୍ରାମର ଦିବ୍ୟ ପ୍ରସାଦ ସନ୍ଧ୍ୟାରେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ହେଁ ତାଙ୍କୁ ପାଇ ନଥିଲେ। ଦିବ୍ୟ ପ୍ରସାଦ ନିଖୋଜ ନେଇ ପରିବାର ଲୋକେ ଅଭିଯୋଗ କରିଥିଲେ। ସକାଳେ ଦିବ୍ୟ ପ୍ରସାଦଙ୍କ ମୃତଦେହ ପୋଖରୀରୁ ଉଦ୍ଧାର ହୋଇଥିଲା।

**ପେସାଦାର ଅପରାଧୀଙ୍କ ପ୍ରତି କଠୋର ପୁଲିସ**

# ଚନ୍ଦନ ୬ ମାସ ପାଇଁ ତଡ଼ିପାର୍

ଭୁବନେଶ୍ୱର, ୧୬।୫(ସମିସ)



**ହତ୍ୟା ସହ ୮ ମାମଲାରେ ସମ୍ପୃକ୍ତି ଅଭିଯୋଗ**

ହତ୍ୟାଠାରୁ ମାରପିଟ୍, ରାହାଜାନି, ଦାଦାବଟି ଆଦାୟ କରୁଥିଲେ। କଥା କଥାରେ ଆକ୍ରମଣ କରି ଏକପ୍ରକାରର ଆତଙ୍କସୃଷ୍ଟି କରୁଥିବା ପେସାଦାର ଅପରାଧୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେଇଛି କମିସନରେଟ୍ ପୁଲିସ। ଭୁବନେଶ୍ୱର ସହରାଞ୍ଚଳରେ ଅପରାଧ ଘଟାଇ ଆତଙ୍କ ଖେଳାଉଥିବା ପେସାଦାର ଅପରାଧୀ ଚନ୍ଦନ ମହାପାତ୍ର ଓରଫ ବାପୁନିକୁ ୬ମାସ ଲାଗି ତଡ଼ିପାର୍ କରାଯାଇଛି। ତଡ଼ିପାର୍ ହୋଇଥିବା ଚନ୍ଦନର ଘର ଶ୍ରୀଲିଙ୍ଗରାଜ ଥାନା ଅଧୀନ ପୁରୁଣା ଭୁବନେଶ୍ୱରର ହରଚଣ୍ଡୀ ସାହିରେ। ଚନ୍ଦନକୁ ୬ମାସ ଲାଗି ଭୁବନେଶ୍ୱରରୁ ତଡ଼ିପାର୍ ଲାଗି ନିର୍ଦ୍ଦେଶନାମା ଜାରିହୋଇଛି। ଏହି ଆଦେଶ ୬ମାସ ଲାଗି ଭୁବନେଶ୍ୱର ସହରାଞ୍ଚଳ ପୁଲିସରେ ବଳବତ୍ତର ରହିବ। ଯଦି ଚନ୍ଦନ କମିସନରେଟ୍ ପୁଲିସ ଅଞ୍ଚଳରେ ପାଦ ରଖିବାର ଦୃଷ୍ଟିଗୋଚର ହୁଏ, ତା' ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ପକ୍ଷରୁ ଚେତାଇ ଦିଆଯାଇଛି। ଓଡ଼ିଶା ସହରାଞ୍ଚଳ ପୁଲିସ ନିୟମ-୨୦୦୩ ଧାରା-୪୬ (କ) ଓ (ଖ) ଅନୁଯାୟୀ ବିଭିନ୍ନ ସାକ୍ଷୀ ଓ ଦସ୍ତାବିଜକୁ ଆଧାର କରି ଚନ୍ଦନ ବିରୋଧରେ ପୁଲିସ କମିସନର୍ ସଞ୍ଜୀବ ପଣ୍ଡା କଠୋର ଆଭିମୁଖ୍ୟ ନେଇଛନ୍ତି।

ପୁଲିସ କହିବା କଥା, ଚନ୍ଦନ ଅଭ୍ୟାସଗତ ଓ ପେସାଦାର ଅପରାଧୀ। ୨୦୧୦ ମସିହାରୁ ୨୦୨୪ ମସିହା ପର୍ଯ୍ୟନ୍ତ ଅର୍ଥାତ୍ ଏହି ୧୪ ବର୍ଷ ମଧ୍ୟରେ ଚନ୍ଦନ ନାଁରେ ଶ୍ରୀଲିଙ୍ଗରାଜ ଓ ଧଉଳି ଥାନାରେ ୮ରୁ ଅଧିକ ଅପରାଧିକ ମାମଲା ରହିଛି। ୨୦୧୦ ମସିହାରେ ଚନ୍ଦନ ଏକ ବୀଭତ୍ସ ହତ୍ୟାକାଣ୍ଡରେ ସମ୍ପୃକ୍ତି ରହିଥିଲା। ଗିରଫ ହୋଇ ଜେଲ୍ ଯାଇଥିଲା। ଜେଲରୁ ଜାମିନ୍‌ରେ ମୁକୁଳିବା ପରେ ଅପରାଧ ଦୁନିଆରେ ପୁଣି ପାଦ ଥାପିଥିଲା। ଜେଲରୁ ଆସି ହତ୍ୟା ଉଦ୍ୟମ, ଚୋରି, ଛିନ୍‌ତାଇ, ଦାଦାବଟି, ଧମକଚମକ ଦେବା ଭଳି ଅପରାଧରେ ସମ୍ପୃକ୍ତି ରହିବା ସହ ୧୧୦ ଦଫାରେ ବୁକ୍ ବି ହୋଇଥିଲା। ତାଙ୍କର ଉପସ୍ଥିତି ଓ ଅପରାଧିକ କାରନାମା ଶ୍ରୀଲିଙ୍ଗରାଜ ଥାନା ଅଞ୍ଚଳବାସୀ ତଥା ଭୁବନେଶ୍ୱରର ସାଧାରଣଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରୁଥିଲା। ସେ ନିକଟରେ ଜେଲ୍‌ରୁ ଜାମିନ୍‌ରେ ମୁକୁଳିଥିବା ବେଳେ ଏହି କାର୍ଯ୍ୟାନୁଷ୍ଠାନ ବଳରେ ସହରରୁ ବିଦା କରାଯାଇଛି। ଏହିକ୍ରମରେ ନିକଟ ଅତୀତରେ କ୍ୟାପିଟାଲ୍ ଥାନା ଅଞ୍ଚଳର ଦୀପକ ନାୟକ ଓ ମଞ୍ଚେଶ୍ୱର ଥାନା କାହ୍ନୁ ଚରଣ ଚମ୍ପତି ଓରଫ କାହ୍ନୁଙ୍କୁ ତଡ଼ିପାର୍ କରାଯାଇଛି।

## ନାରାୟଣ ସ୍କୁଲରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




ଭୁବନେଶ୍ୱର, ୧୬।୫(ସମିସ): ନାରାୟଣ ଗ୍ରୁପ୍ ଅଫ୍ ସ୍କୁଲ ପକ୍ଷରୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ କୃତୀ ଛାତ୍ରଛାତ୍ରୀଙ୍କୁ ଗୁରୁବାର ସମ୍ବର୍ଦ୍ଧନା ଦିଆଯାଇଛି। ଉଭୟ ଶ୍ରେଣୀରେ ଛାତ୍ରଛାତ୍ରୀଙ୍କ ପାସ୍‌ହାର ଶତପ୍ରତିଶତ ରହିଥିବାବେଳେ ଦଶମ ଶ୍ରେଣୀରେ ରୁତୁଜିତ ପଣ୍ଡା, ଆଦ୍ୟାୟୀ ରାଉତ୍ ଓ ନିରୁପମା ପାତ୍ର ପ୍ରମୁଖ ଯୁଗ୍ମ ଭାବେ ୪୯୩ ନମ୍ବର ଲେଖାଏଁ ରଖିଛନ୍ତି। ଦଶମରେ ୬୦ଜଣ ଛାତ୍ରଛାତ୍ରୀ ୪୫୦ରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀରେ ପାଞ୍ଚ ଜଣ ୯୩.୨% ଲେଖାଏଁ ନମ୍ବର ରଖିଛନ୍ତି। ଆଦିତ୍ୟ ସେଠୀ, ପାର୍ଥ ଗୌତମ, ସନ୍ତୋଷ ଦେଲା, ଶିଭମ ସିଂ ଚୌହାନ ଓ ରୋହିତ କୁମାର ଯୁଗ୍ମ ଭାବେ ବିଦ୍ୟାଳୟର ପ୍ରଥମ ହୋଇଛନ୍ତି। ଦ୍ୱାଦଶରେ ୨୪ ଜଣ ଛାତ୍ରଛାତ୍ରୀ ୪ଶହରୁ ଅଧିକ ନମ୍ବର ରଖିଛନ୍ତି। ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ସ୍କୁଲ୍‌ର ପ୍ରତିଷ୍ଠାତା ଡ. ପି ନାରାୟଣ କହିଛନ୍ତି, ବିଦ୍ୟାଳୟର ପାଠ୍ୟକ୍ରମ ସମସ୍ତ ଛାତ୍ରଛାତ୍ରୀଙ୍କୁ ଉନ୍ନତ ପ୍ରଦର୍ଶନ କରିବାରେ ସହାୟକ ହୋଇଛି। ସେହିପରି ସାଧାରଣ ଷ୍ଟାଣ୍ଡାର୍ଡ ପିଲାଙ୍କୁ ଉନ୍ନତ ଶିକ୍ଷାଦାନ କରି ବିଦ୍ୟାଳୟ ନିରବଚ୍ଛିନ୍ନ ଭାବେ ସଫଳତା ପାଉଥିବା ବିଦ୍ୟାଳୟର ଅଧ୍ୟକ୍ଷା ଏନ୍ ସୁଜାତା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡିଜିଏମ୍ ପି ଶ୍ରୀନିବାସ ରାଓ, ଡିନ୍ ଏନ୍ ଶ୍ରୀନିବାସୁଲୁ, ଏଜିଏମ୍ କିଶୋର ପାଣିଗ୍ରାହୀ, ପଟିଆ ଶାଖାର ଅଧ୍ୟକ୍ଷା ଏନ୍ ସୁଜାତା, ୟୁନିଟ୍-୮ ଶାଖାର ଅଧ୍ୟକ୍ଷା ଟି ଶ୍ରୀଦେବୀ, କଟକ ଶାଖାର ଅଧ୍ୟକ୍ଷା ଭି ଭାରତୀ ଓ ପାଣ୍ଡରା ଶାଖାର ଅଧ୍ୟକ୍ଷା ପ୍ରଜ୍ଞା ପାରମିତା ପ୍ରମୁଖ ଉପସ୍ଥିତ ଥିଲେ।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ମହେଶ୍ୱର ମାଣ୍ଡୋଇ
ଆବିର୍ଭାବ: ୨୫.୦୫.୧୯୩୭
ତିରୋଧାନ: ୦୭.୦୫.୨୦୨୪
କାଠଖୁଣ୍ଡିଆ, ବେଗୁନିଆ, ଖୋର୍ଦ୍ଧା

ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:
ପୁତ୍ର: କୈଳାସ, ବଳରାମ, ଭରତ, ଶତ୍ରୁଘ୍ନ ଓ ଲକ୍ଷ୍ମୀଧର, ଝିଅ: ଶାନ୍ତିଲତା ଓ ଶୈଳବାଳା, ପୁତ୍ରବଧୂ, ନାତି ନାତୁଣୀ ଓ ଆତ୍ମୀୟସ୍ୱଜନ



# ଭୁବନେଶ୍ୱର ସିଟି

# ରୋଡ୍ ଶୋ'ରେ ଆଶୀର୍ବାଦ ମାଗିଲେ ସୁଶାନ୍ତ

ଭୁବନେଶ୍ୱର, ୧୬ ।୫ (ସମିସ)



**କହିଲେ, ଆଗକୁ ଉନ୍ନୟନ କାର୍ଯ୍ୟ ଜାରି ରହିବ**

ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଏମ୍‌ସିର ୱାର୍ଡ ନମ୍ବର ୫, ୧୦ ଓ ୧୧ ରେ ବିଜେଡି ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ରାଉତଙ୍କ ରୋଡ୍ ଶୋ' ଅନୁଷ୍ଠିତ ହୋଇଛି। ହଜାର ହଜାର ବିଜୁ ଜନତା ଦଳ କର୍ମକର୍ତ୍ତାଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣକାରୀ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ସହ ଶ୍ରୀ ରାଉତ ଭୋଟ ଭିକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱରେ ରାଜ୍ୟବାସୀଙ୍କୁ ପ୍ରଦାନ କରାଯାଉଥିବା ଉତ୍ତମ ଶାସନ ଯୋଗୁଁ ଓଡ଼ିଶା ଆଜି ସାରା ଦେଶରେ ଏକ ନମ୍ବର ହୋଇପାରିଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀର ଅନେକ ବିକାଶମୂଳକ ପ୍ରକଳ୍ପ ସଫଳ ହୋଇଛି। ଆଗକୁ ଆହୁରି ବିକାଶମୂଳକ ପଦକ୍ଷେପ ହାତକୁ ନେବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଗତ ୫ବର୍ଷ ମଧ୍ୟରେ ତିନୋଟି ଯାକ ୱାର୍ଡରେ ରାସ୍ତା, ଡ୍ରେନ୍, କମ୍ୟୁନିଟି ହଲ୍, ସ୍କୁଲ, ବରିଷ୍ଠ ନାଗରିକଙ୍କ ପାଇଁ ଚିତ୍ତବିନୋଦନ କେନ୍ଦ୍ର ପ୍ରତିଷ୍ଠା ହୋଇଛି। ୫ ନମ୍ବର ୱାର୍ଡ ଅନ୍ତର୍ଗତ ଜାତୀୟ ରାଜପଥଠାରୁ ମଞ୍ଚେଶ୍ୱର ଦେଇ ସତ୍ୟବିହାର ପର୍ଯ୍ୟନ୍ତ ରାସ୍ତା, ମା' ଦୋଳଦେଈ ମନ୍ଦିର ନବୀକରଣ, ବିଜୁ ପଟ୍ଟନାୟକ ଖେଳ ପଡ଼ିଆର ବିକାଶ, ଭୋଇ ସାହିରେ କମ୍ୟୁନିଟି ହଲ୍, ଉପରସାହିରେ ଭାଗବତ ଘର, ଚକେଇସିଆଣି କମ୍ୟୁନିଟି ହଲ୍, ପାଦୁକା ମନ୍ଦିର ନବୀକରଣ, ସମେଇଗାଡ଼ିଆ ଚକେଇସିଆଣି, ମଞ୍ଚେଶ୍ୱର ଅଞ୍ଚଳରେ ଥିବା ମନ୍ଦିରଗୁଡ଼ିକର ନବୀକରଣ କରାଯାଇଛି। ପ୍ରାୟ ୭ କୋଟି ଟଙ୍କାରେ ୧୯ ପ୍ରକଳ୍ପ କାର୍ଯ୍ୟ ୫ନମ୍ବର ୱାର୍ଡରେ ହୋଇଛି। ସେହିପରି ୧୦ ନମ୍ବର ୱାର୍ଡ ଅଧୀନ ଭୋଟପଡ଼ାରେ ମଣ୍ଡପ ନିର୍ମାଣଠାରୁ ଆରମ୍ଭ କରି ଝରଣାସାହି, ହାଡ଼ବାଇ ବସ୍ତି ପରି ସ୍ଥାନରେ ଏକାଧିକ କମ୍ୟୁନିଟି ହଲ୍ ହୋଇଛି। ଭୋଟପଡ଼ା ଜଗନ୍ନାଥ ମନ୍ଦିର, ଚକେଇସିଆଣି ମା' ପାଟଦେବୀ ମନ୍ଦିର, ପୁରୁଷୋତ୍ତମ ବସ୍ତିରେ ବାବା ପୂର୍ଣ୍ଣେଶ୍ୱର ମନ୍ଦିର, ଗୋପବନ୍ଧୁ ବସ୍ତିର ଗୁପ୍ତେଶ୍ୱର ମନ୍ଦିର, ଲେପ୍ରୋସି କଲୋନିର ଜଗନ୍ନାଥ ମନ୍ଦିରର ବିକାଶ କରାଯାଇଛି। ଭିଏସ୍‌ଏସ୍ ନଗର ବରିଷ୍ଠ ନାଗରିକ ବିଲଡିଂ, ଓଟିଏମ୍ ମନ୍ଦିର, ସାଇ ମନ୍ଦିର, ଆଖଣ୍ଡଳମଣି ମନ୍ଦିର, ଗୋଜବାୟାଣୀ ବସ୍ତି ନିକଟ, ପ୍ରଗତି ମହିଳା ବିକାଶ ମଞ୍ଚ, ଗଡ଼େଶ୍ୱର ହାଟ ନିକଟରେ କମ୍ୟୁନିଟି ସେଣ୍ଟର ପ୍ରତିଷ୍ଠା ହୋଇଛି। ଧୀରିକୂଟ ସାହି ଖେଳପଡ଼ିଆ, ସ୍କୁଲର କ୍ଲାସ୍‌ରୁମ୍ ଓ ସାଇକଲ ଷ୍ଟାଣ୍ଡ, ବରିଷ୍ଠ ନାଗରିକ କୋଠାର ନବୀକରଣ ପରି କାର୍ଯ୍ୟ ହୋଇଛି। ପ୍ରାୟ ୨କୋଟି ଟଙ୍କାରେ ୧୧ଟି ଡ୍ରେନ୍ କାର୍ଯ୍ୟ ଶେଷ କରାଯାଇଛି। ଏହି ଶୋଭାଯାତ୍ରାରେ ବିଜେଡିର ବରିଷ୍ଠ ନେତା ସୁବାସ ଚନ୍ଦ୍ର ପାତ୍ର, ସ୍ଥାନୀୟ କର୍ପୋରେଟର ପ୍ରଭାସିନୀ ମହାନ୍ତି, ସେକ ନୁର ହାସନ, ମିନୁଶ୍ରୀ ଖୁଣ୍ଟିଆ ଯୁବନେତା ପ୍ରକାଶ ତ୍ରିପାଠୀ, ଅଜୟ ଜେନା, ପୁରଞ୍ଜନ ପାଢ଼ୀ, ମହେଶ୍ୱର ବିଶ୍ୱାଳ, ଦାଶରଥି ନାୟକ, ଦିଲ୍ଲୀପ ନାୟକ, ସଞ୍ଜୟ ବଳିଆରସିଂ, ଆଦିକନ୍ଦ ରାଉତ, ସନ୍ତୋଷ ମହାନ୍ତି, ଚୈତନ୍ୟ ଦାସ, ରସାନନ୍ଦ ଭୋଇ, କିଶୋର ମଙ୍ଗରାଜ, ଦିଲ୍ଲୀପ ସ୍ୱାଇଁ, ନିର୍ମଳ ରାଉତ, ଅନୁପ ଖୁଣ୍ଟିଆଙ୍କ ସମେତ ବହୁ ସଂଖ୍ୟାରେ ଏସ୍‌ଏଚ୍‌ଜି ମହିଳା, ଯୁବକ ଓ ଛାତ୍ରମାନେ ଯୋଗଦେଇଥିଲେ।

## ପ୍ରଥମ କ୍ୟାବିନେଟ୍‌ରେ ପାରିତହେବ ଇସ୍ତାହାର ପ୍ରତିଶ୍ରୁତି: ଅଶୋକ ପଣ୍ଡା



ଭୁବନେଶ୍ୱର, ୧୬ ।୫ (ସମିସ): ରାଜ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଷଷ୍ଠଥର ସରକାର ଗଢ଼ିବାକୁ ଯାଉଛନ୍ତି। ଏହି ଲୋକାଭିମୁଖୀ ସରକାରରେ ଯେଉଁ ନିର୍ବାଚନ ଇସ୍ତାହାର ଦିଆଯାଇଛି, ସେଗୁଡ଼ିକୁ ପ୍ରଥମ କ୍ୟାବିନେଟ୍‌ରେ ପାରିତହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ନେଇ ପ୍ରଚାର ସମୟରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ଗୁରୁବାର ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀର ଟିକରପଡ଼ା ଗ୍ରାମ ପଞ୍ଚାୟତ ଏବଂ ୱାର୍ଡ ନମ୍ବର ୫୧ରେ ପ୍ରଚାର ସମୟରେ ଗ୍ରାମବାସୀମାନେ ବହୁ ସଂଖ୍ୟାରେ ଶ୍ରୀ ପଣ୍ଡାଙ୍କୁ ସ୍ୱାଗତ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ କର୍ପୋରେଟର ବିଜୟିନୀ ଜେନା, ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥା, ଅଞ୍ଚଳ ବଟୁ, ପୂର୍ବତନ ସରପଞ୍ଚ ସଂଘମିତ୍ରା ପାଳ, ହେମନ୍ତ ପ୍ରଧାନ, ରଞ୍ଜିତ ସୁବୁଦ୍ଧି, ସୁନିଲ ସାହୁ, ସୁଶ୍ରୀକାନ୍ତା ଦାସ, ଆଦର୍ଶ ପଟ୍ଟନାୟକ, ଚିନ୍ମୟ ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସ୍କାଉଟ୍‌ସ ଆଣ୍ଡ ଗାଇଡ୍‌ସ ପକ୍ଷରୁ ପ୍ରଫେସର୍ ଡା. ମନୋଜ ସାହୁ ପୁରସ୍କୃତ




ଭୁବନେଶ୍ୱର, ୧୬।୫ (ସମିସ): ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଭାରତ ସ୍କାଉଟ୍‌ସ ଆଣ୍ଡ ଗାଇଡ୍‌ସ ପକ୍ଷରୁ ବରିଷ୍ଠ ପେଟରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ମନୋଜ ସାହୁଙ୍କୁ ସମ୍ମାନଜନକ ରାଜ୍ୟ ପୁରସ୍କାର-୨୦୨୩ ପ୍ରଦାନ କରାଯାଇଛି। ଭୁବନେଶ୍ୱର ରାଜଭବନ ପରିସରରେ ରାଜ୍ୟପାଳ ତଥା ରାଜ୍ୟ ଭାରତ ସ୍କାଉଟ୍‌ସ ଏବଂ ଗାଇଡ୍‌ସର ମୁଖ୍ୟ ରଘୁବର ଦାସ ଏହି ସମ୍ମାନ ପ୍ରଦାନ କରିଥିଲେ। ବିଗତ ଦିନରେ ତୃଣମୂଳସ୍ତରରୁ ଲୋକମାନଙ୍କ ସୁସ୍ଥ ଜୀବନଚର୍ଯ୍ୟା ପାଇଁ ଡା. ସାହୁ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ କରି ବେଶ୍ ଆଦୃତ ହୋଇଥିଲେ। ରାଜ୍ୟରେ ପ୍ରଥମ ଯକୃତ ପ୍ରତିରୋପଣ ହେଉ ଅଥବା ବିଶ୍ୱସ୍ତରୀୟ ନୂତନ ଜ୍ଞାନ କୌଶଳ ଜରିଆରେ ଜଟିଳ ପେଟ ରୋଗ ଚିକିତ୍ସା ନେଇ ଡା. ସାହୁଙ୍କ ଭୂମିକାକୁ ରାଜ୍ୟପାଳ ବେଶ୍ ପ୍ରଶଂସା କରିଥିଲେ।

## ଦିବ୍ୟାଙ୍ଗଙ୍କ ପାଇଁ ହୋମ୍ ବାଲଟ୍ ବ୍ୟବସ୍ଥା




ଭୁବନେଶ୍ୱର, ୧୬ ।୫ (ସମିସ): ଚଳିତ ବର୍ଷ ସାଧାରଣ ନିର୍ବାଚନରେ ଦେଶରେ ପ୍ରଥମଥର ପାଇଁ ଦିବ୍ୟାଙ୍ଗ ଏବଂ ବୟସ୍କଙ୍କ ପାଇଁ ହୋମ୍ ବାଲଟ୍ ମାଧ୍ୟମରେ ନିଜର ମତଦାନ ସାବ୍ୟସ୍ତ କରିବାର ସୁବିଧା କରାଯାଇଛି। ବୁଧବାର ଠାରୁ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ପ୍ରକ୍ରିୟାରେ ଭୋଟ ଦେବାର ବ୍ୟବସ୍ଥା କରାଯାଇଛି। ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମତା ଥିବା ଦିବ୍ୟାଙ୍ଗ ଏବଂ ୮୫ ବର୍ଷ ଠାରୁ ଅଧିକ ବୟସ୍କ ବ୍ୟକ୍ତିଙ୍କ ପାଇଁ ସ୍ୱତନ୍ତ୍ର ହୋମ୍ ବାଲଟ୍ ଭୋଟ ବ୍ୟବସ୍ଥା କରାଯାଉଛି। ନିର୍ବାଚନ ଦାୟିତ୍ୱରେ ଥିବା ଅଫିସର ତଥା ୫ ଜଣିଆ ଟିମ୍ ତାଙ୍କ ଘରକୁ ଘର ଯାଇ ଏହି ଦାୟିତ୍ୱ ତୁଲାଉଛନ୍ତି। ହୋମ୍ ବାଲାଟ୍ ଭୋଟର ଦ୍ୱିତୀୟ ଦିନରେ ଭୁବନେଶ୍ୱରର ବହୁ ଦିବ୍ୟାଙ୍ଗ ଏବଂ ବୟସ୍କ ବ୍ୟକ୍ତି ହୋମ ବାଲାଟ ମାଧ୍ୟମରେ ନିଜର ମତଦାନ କରିଥିବା ବେଳେ ସ୍ୱାଭିମାନର ମୁଖ୍ୟ ଡ. ଶ୍ରୁତି ମହାପାତ୍ର ମଧ୍ୟ ଏହି ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଡ. ଶ୍ରୁତି ମହାପାତ୍ର ନିଜେ ଭୋଟ ଦେଇ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ଅଧିକରୁ ଅଧିକ ଭୋଟ ଦେବା ପାଇଁ ଉତ୍ସାହିତ କରିଥିଲେ।

## ପାତ୍ରପଡ଼ା ବାଦିପାଲା ଉଦ୍‌ଯାପିତ



ଭୁବନେଶ୍ୱର, ୧୬ ।୫ (ସମିସ): ପାତ୍ରପଡ଼ା ଗ୍ରାମର ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ପାଲା ମଣ୍ଡପରେ ବାଦିପାଲା ଅନୁଷ୍ଠିତ ହୋଇଯାଇଛି। ଗତ ୧୧ ତାରିଖରୁ ଆରମ୍ଭ ହୋଇଥିବା ଏହି ବାଦିପାଲା ବୁଧବାର ଉଦ୍‌ଯାପିତ ହୋଇଛି। ଶେଷ ସନ୍ଧ୍ୟାରେ ଭୁବନେଶ୍ୱର ମହାନଗର ନିଗମର ମେୟର୍ ସୁଲୋଚନା ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଭୁବନେଶ୍ୱର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦୁଃଶାସନ ସ୍ୱାଇଁ, ୬୫ନମ୍ବର ୱାର୍ଡର କର୍ପୋରେଟର ରଶ୍ମିରଞ୍ଜନ ପାଟଶାଣୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ବର୍ଷ ପାଲାକୁ ୫୦ ବର୍ଷ ପୂର୍ଣ୍ଣ ହୋଇଛି।

## ରାଜଧାନୀରେ ନଡ୍ଡାଙ୍କ ରୋଡ ଶୋ'

ଭୁବନେଶ୍ୱର, ୧୬ ।୫ (ସମିସ): ଭୁବନେଶ୍ୱରରେ ରୋଡ ଶୋ' କରିଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡା। ଏହି ରୋଡ ଶୋ' ମାଧ୍ୟମରେ ଦଳୀୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ପାଇଁ ସେ ଭୋଟ୍ ଭିକ୍ଷା କରିଛନ୍ତି। ଜେ.ପି ନଡ୍ଡାଙ୍କ ଏହି ବିଶାଳ ରୋଡ ଶୋ' ମାଉସୀ ମା' ମନ୍ଦିରରୁ ଆରମ୍ଭ ହୋଇ ଲିଙ୍ଗରାଜ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ହଜାର ହଜାର ବିଜେପି କର୍ମକର୍ତ୍ତା ଓ ସାଧାରଣ ଜନତା ସାମିଲ୍ ହୋଇଥିଲେ। ରାସ୍ତାର ଦୁଇ ପାର୍ଶ୍ୱରେ ଛିଡ଼ା ହୋଇଥିବା ହଜାର ହଜାର ସଂଖ୍ୟାର ସାଧାରଣ ଜନତା ଓ ବିଜେପି କର୍ମକର୍ତ୍ତାଙ୍କ ଅଭିବାଦନକୁ ହାତ ହଲାଇ ନଡ୍ଡା ଗ୍ରହଣ କରିଥିଲେ। ନଡ୍ଡାଙ୍କ ସହ ଏହି ରୋଡ ଶୋ'ରେ ଦଳୀୟ ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଓ ବିଧାୟକ ପ୍ରାର୍ଥୀ ବାବୁ ସିଂ ସାମିଲ ହୋଇଥିଲେ। ରୋଡ ଶୋ' ଲିଙ୍ଗରାଜ ମନ୍ଦିରରେ ପହଞ୍ଚିବା ପରେ ଜେ.ପି ନଡ୍ଡା ପ୍ରଭୁ ଲିଙ୍ଗରାଜଙ୍କୁ ଦର୍ଶନ କରିଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା, ଘରେ ଘରେ ଶଙ୍ଖ ଅଭିଯାନ



ହଂସପାଳ, ୧୬।୫ (ସମିସ): ଜୟଦେବ ନିର୍ବାଚନମଣ୍ଡଳୀରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଓ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପଦଯାତ୍ରାରେ ବାଲିଅନ୍ତା ପଞ୍ଚାୟତର ଶତାଧିକ କର୍ମୀ, ସମର୍ଥକ, ମହିଳାମଣ୍ଡଳ ସଦସ୍ୟା ଯୋଗ ଦେଇଥିଲେ। ମା'ଉତ୍ତରମୁଖୀ ପୀଠରୁ ଶୋଭାଯାତ୍ରା ବାହାରି ଗ୍ରାମର ତଳଗଡ଼, ଅଣ୍ଡିଲୋ, ପାଟଣା, ଅଟଳା, ଡିହ ବାଲିଅନ୍ତା, କଞ୍ଚିଲୋ, ଅଟଳା, ସାଲେଶ୍ୱର ଗ୍ରାମ ପରିକ୍ରମା କରିଥିଲା। ପଞ୍ଚାୟତ ଅଞ୍ଚଳର ସମସ୍ତ ୱାର୍ଡରେ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜୟଦେବ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ନବକିଶୋର ମଲ୍ଲିକଙ୍କ ସମେତ ଦୁଇ ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷା, ସମସ୍ତ ଜିଲ୍ଲାପରିଷଦ ସଭ୍ୟ, ପଞ୍ଚାୟତ ସଭାପତି ରବୀନ୍ଦ୍ର ରାଉତରାୟ, ସରପଞ୍ଚ କୃଷ୍ଣ କେଶବ ଆପଟ, ପୂର୍ବତନ ସରପଞ୍ଚ ରାଜକିଶୋର ରାଉତରାୟ, ପୂର୍ବତନ ସମିତି ସଭ୍ୟ ଦିଲୀପ କୁମାର ସାହୁ, ବ୍ଲକ ସଭାପତି ପ୍ରଦୀପ ଜେନାମଣି ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ଦୀର୍ଘବର୍ଷର ଜନ କଲ୍ୟାଣ ଯୋଜନା କାର୍ଯ୍ୟକାରିତା ତଥା ସଫଳତା ସମ୍ପର୍କରେ ଲୋକମାନଙ୍କ ସହିତ ଆଲୋଚନା କରିବା ସହ ବିଭିନ୍ନ ଆଞ୍ଚଳିକ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପଦଯାତ୍ରାକୁ ବିଭିନ୍ନ ସ୍ଥାନରେ କର୍ମୀ ଏବଂ ସମର୍ଥକମାନଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନାରୀ ନେତ୍ରୀ ଦେବଶ୍ରୀ ବେହେରା, ଯୁବନେତା ପପୁ ରାଉତରାୟ, ନିରଞ୍ଜନ ବେହେରା, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ରାଜେଶ ହୋତା, ରାକେଶ ସାହୁ ଏବଂ ଆଶିଷ ସାହୁ, ଆଲୋକେନ୍ଦୁ ଦାସ ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ।

## ବିଜେଡିରେ ମିଶିଲେ ବିଜେପିର ଶତାଧିକ ଯୁବନେତା

ଭୁବନେଶ୍ୱର, ୧୬ ।୫ (ସମିସ)

ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀ ୱାର୍ଡ ନମ୍ବର ୪୦ରେ ଆୟୋଜିତ ମିଶ୍ରଣ ପର୍ବରେ ବିଜେପି ବନଦୁର୍ଗା ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ସାବନ ମିଶ୍ର, ଉପସଭାପତି ଅବିନାଶ ସ୍ୱାଇଁ, ଜ୍ଞାନ ରଞ୍ଜନ ଦାସ, ସନ୍ଦୀପ ଘୋଷ, ଆଭାସ ବାରିକଙ୍କ ସମେତ ୟୁନିଟ -୨ ଅଞ୍ଚଳର ବିଜେପିର ୧୦୦ରୁ ଅଧିକ ଯୁବ କାର୍ଯ୍ୟକର୍ତ୍ତା ମଧ୍ୟ ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା ଓ ସ୍ଥାନୀୟ କର୍ପୋରେଟର ଆଶିଆ ବେଗମଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଦୀର୍ଘଦିନ ଧରି ବିଜେପିରେ ରହି ଅଣ ନିଃଶ୍ୱାସୀ ଅନୁଭବ କରୁଥିଲି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱ ଓ ଭୁବନେଶ୍ୱର ମଧ୍ୟ ବିଧାୟକ ପ୍ରାର୍ଥୀ ଶ୍ରୀ ଜେନାଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଛନ୍ତି ବୋଲି ସାବନ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏହି ମିଶ୍ରଣ ପର୍ବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ଓ ଭୁବନେଶ୍ୱର ମଧ୍ୟ ବିଧାନସଭା ପ୍ରାର୍ଥୀ ଶ୍ରୀ ଜେନା ଓ ଭୁବନେଶ୍ୱର ଲୋକସଭା ପ୍ରାର୍ଥୀ କ୍ୟାପ୍‌ଟେନ ମନ୍ମଥ ରାଉତ ରାୟଙ୍କୁ ବିଜୟୀ କରାଇବାକୁ ସମସ୍ତେ ସଂକଳ୍ପ ନେଇଥିଲେ। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଫିରୋଜ ଖାନ, ରାଜ୍ୟ ଯୁବ ଉପସଭାପତି ଦିଲ୍ଲୀପ ସେନାପତି, ଭୁବନେଶ୍ୱର ଜିଲ୍ଲା ଯୁବ ଉପ-ସଭାପତି ଅରୁଣ ମହାନ୍ତି, ରାଜକୁମାର ଜେନା, ଅଭିଳାଷ ଦାସ, ଆକାଶ ପଟ୍ଟନାୟକ, ବିଜୟାନନ୍ଦ ବିଶ୍ୱାଳ ଓ ମଧ୍ୟମର ସାମାଜିକ ଗଣମାଧ୍ୟମ ସଂଯୋଜକ କେ. ନୀଳକଣ୍ଠ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।



## ବଦଳୁଛି ଫେଶନର ପରିଭାଷା | ଖରାଦିନେ ବଢୁଛି ଖଦିର ଚାହିଦା



ଭୁବନେଶ୍ୱର, ୧୬।୫ (ସମିସ)

ଦିନକୁ ଦିନ ବଦଳୁଛି ଫେଶନ୍‌ର ପରିଭାଷା। ଯୁବପିଢ଼ି ପୂର୍ବରୁ ଜିନ୍‌ସ, ଟି ସାର୍ଟ ସାଙ୍ଗକୁ ବିଭିନ୍ନ ଦାମୀ ପୋଷାକ ପିନ୍ଧିବାକୁ ପସନ୍ଦ କରୁଥିଲେ। ସେହିପରି ବନାରସୀ, କାଞ୍ଜିବରମ୍, ବମକେଇ ଆଦି ବିଭିନ୍ନ ପ୍ରକାର ପାଟର ଚାହିଦା ଅଧିକ ଥିଲା। ଏଥିସହ ସାର୍ଟିନ୍ କପଡ଼ାରେ ପ୍ରସ୍ତୁତ କୁର୍ତ୍ତା ଓ ପାଇଜାମାର ବେଶ୍ ଡିମାଣ୍ଡ ରହିଥିଲା। କିନ୍ତୁ ଏହି ଟ୍ରେଣ୍ଡ ଏବେ ବଦଳୁଥିବା ଦେଖିବାକୁ ମିଳିଛି। ବୟସ୍କଙ୍କ ଠାରୁ ଆରମ୍ଭ କରି ଯୁବଗୋଷ୍ଠୀଙ୍କ ପର୍ଯ୍ୟନ୍ତ ସମସ୍ତେ ଖଦିରୁ ପ୍ରସ୍ତୁତ ପୋଷାକ ପିନ୍ଧିବାକୁ ଅଧିକ ପସନ୍ଦ କରୁଛନ୍ତି। ଏମିତିକି ଫେଶନ୍‌ରେ ମଧ୍ୟ ଖଦି ନିର୍ମିତ ପୋଷାକ ସାମିଲ ହେଉଛି। ତେବେ ବର୍ତ୍ତମାନ ଖରାଦିନରେ ଏହାର ଆଦର ଟିକେ ଅଧିକ। ବଡ଼ବଡ଼ ସପିଙ୍ଗ ମଲ୍‌ରେ ମଧ୍ୟ ଖଦିରେ ପ୍ରସ୍ତୁତ ବିଭିନ୍ନ ଡିଜାଇନର୍ କୁର୍ତ୍ତା, ସାର୍ଟ ଆଦି ଡ୍ରେସ୍ ଯୁବଗୋଷ୍ଠୀଙ୍କୁ ଆକର୍ଷିତ କରୁଛି।

ବର୍ତ୍ତମାନ ଖରାଦିନରେ ହାଲ୍‌କା ଓ ସୂତା ପୋଷାକ ପିନ୍ଧିବାକୁ ସମସ୍ତେ ଅଧିକ ପସନ୍ଦ କରୁଛନ୍ତି। ରାଜନେତାଙ୍କ ଠାରୁ ଆରମ୍ଭ କରି ବଡ଼ବଡ଼ିଆମାନେ ବିଭିନ୍ନ ପାର୍ଟିର୍ ପ୍ରୋଗ୍ରାମ୍‌ରେ ଖଦି ବସ୍ତ୍ର ପରିଧାନ କରୁଥିବା ଦେଖିବାକୁ ମିଳୁଛି। ନିର୍ବାଚନୀ ପ୍ରଚାରରେ ରାଜନେତାମାନେ ଖଦି ପୋଷାକରେ ନଜର ଆସୁଛନ୍ତି। ପୂର୍ବରୁ ଲୋକମାନେ ଖଦିର ରୁମାଲ, ଗାମୁଛା ଆଦି ବ୍ୟବହାର କରୁଥିବାବେଳେ ବର୍ତ୍ତମାନ ଡ୍ରେସ୍, ପ୍ୟାଣ୍ଟ, ଜ୍ୟାକେଟ୍ ଆଦି ବ୍ୟବହାର କରୁଛନ୍ତି। ମହାତ୍ମା ଗାନ୍ଧୀଙ୍କ ପରିକଳ୍ପିତ ଖଦିକୁ ଏବେ ଯୁବପିଢ଼ି ଆପଣାଉଛନ୍ତି। ପୂର୍ବରୁ ମାତ୍ର ଦୁଇପ୍ରକାର ରଙ୍ଗରେ ଉପଲବ୍ଧ ହେଉଥିବା ଖଦି ଏବେ ୩୦ରୁ ଊର୍ଦ୍ଧ୍ୱ ପ୍ରକାର ରଙ୍ଗରେ ପହଞ୍ଚିଛି। ତେବେ ପୂର୍ବଭଳି ସୂତା ପୋଷାକ ଭିତରେ ଖଦି ଆଉ ସୀମିତ ହୋଇ ରହିନାହିଁ। ବିଭିନ୍ନ ପ୍ରକାର ଫାଇବର ସହ ଏହାକୁ ମିଶାଯାଇ ସିଲ୍କ ଖଦି, ମଟକା ଖଦି, ପଲି ଖଦି, ଟସର ସିଲ୍କ ପରି ବିଭିନ୍ନ ପ୍ରକାର ଖଦି ପୋଷାକ ପ୍ରସ୍ତୁତ କରାଯାଉଛି। ଯାହା ଫେଶନ୍ ଦୁନିଆରେ ଲୋକପ୍ରିୟ ଫେବରିକ୍ ଭାବେ ଆଦୃତି ଲାଭ କରିଛି। ସାଧାରଣ ଖଦି ମିଟର ପିଛା ୫୦ଟଙ୍କାରୁ ଆରମ୍ଭ କରି ୨ଶହ ଟଙ୍କା ଦର ରହିଥିବାବେଳେ ଫ୍ୟାସନେବଲ ଓ ବ୍ରାଣ୍ଡେଡ୍ ଖଦି ମିଟର ପିଛା ୨ଶହରୁ ଆରମ୍ଭ କରି ୪ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଯଦିଓ ଏହାକୁ ହାତରେ ତିଆରି କରାଯାଉଛି ସେଥିପାଇଁ ଏହାର ଦାମ୍ ଅନ୍ୟ ପୋଷାକ ତୁଳନାରେ ଅଧିକ ରହିଛି। ଏ ନେଇ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ସଭାପତି ସଂଗ୍ରାମ କେଶରୀ ପାଇକରାୟ କହିଛନ୍ତି ଯେ, ତୁଳାରୁ ଚରଖାରେ ସୂତା ବାହାର କରାଯାଇ ତନ୍ତରେ ଏହାକୁ ବୁଣିଥାନ୍ତି ବୁଣାକାର। ଓଡ଼ିଶାରେ କଟକ, ନୂଆପାଟଣା, ଗଞ୍ଜାମ, ଜଗତସିଂହପୁର, କେନ୍ଦୁଝର, ବାଲେଶ୍ୱର ଆଦି ସ୍ଥାନରେ ଖଦି କପଡ଼ା ତିଆରି କରାଯାଉଥିବା ବେଳେ ପ୍ରାୟ ୨୦ ହଜାର ବୁଣାକାର ବିଭିନ୍ନ ସୋସାଇଟିକୁ ପ୍ରଚୁର ପରିମାଣରେ ଖଦି କପଡ଼ା ଯୋଗାଇଥାନ୍ତି। ଏଥିପାଇଁ ସେମାନଙ୍କୁ ଆବଶ୍ୟକ ସାମଗ୍ରୀ ଯୋଗାଉଛନ୍ତି ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ। ପ୍ରାୟ ୨୦ଟି ସୋସାଇଟିକୁ ୨କୋଟି ଟଙ୍କାର ଉପକରଣ ପ୍ରଦାନ କରାଯାଇଛି। ଏହାସହ ସେମାନଙ୍କ ଉତ୍ପାଦକୁ ବଜାରୀକରଣ କରିବା ପାଇଁ ବିଭିନ୍ନ ମେଳା ମହୋତ୍ସବରେ ବୁଣାକାରମାନଙ୍କୁ ସୁଯୋଗ ଦିଆଯିବା ସହ ପ୍ରତିବର୍ଷ ୨ଟି ପ୍ରଦର୍ଶନୀ କରାଯାଇ ଖଦି ନିର୍ମିତ ପୋଷାକ ଓ ଅନ୍ୟ ଉତ୍ପାଦ ବିକ୍ରିବଟା କରାଯାଉଛି। ଧୀରେ ଧୀରେ ଖଦି ନିଜର ବ୍ରାଇଟ୍ ଏବଂ ସାଇନିଂ ରଙ୍ଗ ପାଇଁ ଫେଶନ୍ ମାର୍କେଟରେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ତେବେ ଫେଶନ୍ ପାଇଁ କେବଳ ଖରାଦିନ ନୁହେଁ ବରଂ ବର୍ଷତମାମ ଖଦିର ମୌଳିକତା ଓ ଚାହିଦା ଅପରିବର୍ତ୍ତିତ ରହିବ।



